# NATIONAL NEWS BULLETIN (ODIA)

## 02nd June - 2024

## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଅରୁଣାଚଳ ପ୍ରଦେଶରେ ବି.ଜେ.ପି. ଏବଂ ସିକ୍କିମ୍‌ରେ ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚା ଗଠନ କରିବେ ସରକାର ।
- ଦେଶରେ ଗ୍ରୀଷ୍ମ ପରିସ୍ଥିତି ଏବଂ ବାତ୍ୟା ରେମାଲ୍‌ର ସ୍ଥଳଭାଗ ସ୍ପର୍ଶ ପରବର୍ତ୍ତୀ ସ୍ଥିତି ନେଇ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।
- ପ୍ରବଳ ବର୍ଷା ଯୋଗୁଁ ଜର୍ମାନୀର ଦକ୍ଷିଣାଞ୍ଚଳରେ ବନ୍ୟା ପରିସ୍ଥିତି; ୧୦ଟି ଜିଲ୍ଲାପାଇଁ ଜରୁରୀକାଳୀନ ପରିସ୍ଥିତି ଘୋଷିତ ।
- ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ୱେଷ୍ଟଇଣ୍ଡିଜ୍ ଓ ପପୁଆ ନିୟୁଗିନି ମଧ୍ୟରେ ଆଜି ହେବ ମୁକାବିଲା ।

ଏବଂ

- ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ପଞ୍ଚମ ମୁଷ୍ଟିଯୋଦ୍ଧା ଭାବେ ଯୋଗ୍ୟତା ହାସଲ କଲେ ଅମିତ ପଙ୍ଗାଲ୍ ।

## ଫାଇନାଲ୍ ଆସେମ୍ବ୍ଲି ରେଜଲ୍ଟ୍

ଅରୁଣାଚଳ ପ୍ରଦେଶରେ ଭାରତୀୟ ଜନତା ପାର୍ଟି ପୁଣି ଥରେ ସରକାର ଗଠନ କରିବ । ଆଜି ଗଣତି ହୋଇଥିବା ୫୦ଟି ଆସନ ମଧ୍ୟରୁ ବି.ଜେ.ପି. ୩୬ଟିରେ ବିଜୟ ଲାଭ କରିଛି । ପୂର୍ବରୁ ୧୦ଟି ଆସନରେ ବି.ଜେ.ପି.ର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ । ଏହାକୁ ମିଶାଇ ଅରୁଣାଚଳ ପ୍ରଦେଶର ମୋଟ୍ ୬୦ଟି ବିଧାନସଭା ଆସନ ମଧ୍ୟରୁ ବି.ଜେ.ପି. ୪୬ଟି ଆସନରେ ବିଜୟ ଲାଭ କରି ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି । ଅନ୍ୟ ଦଳଗୁଡ଼ିକ ମଧ୍ୟରେ ନ୍ୟାସନାଲ୍ ପିପୁଲ୍ସ୍ ପାର୍ଟି ୫ଟି, ନ୍ୟାସନାଲିଷ୍ଟ କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀ ୩ଟି ଲେଖାଏଁ, ପିପୁଲ୍ସ୍ ପାର୍ଟି ଅଫ୍ ଅରୁଣାଚଳ ୨ଟି ଏବଂ ଜାତୀୟ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି । ନିର୍ବାଚନରେ ବିଜୟ ଲାଭ କରିଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ, ଉପମୁଖ୍ୟମନ୍ତ୍ରୀ ଚୌନା ମେଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ନାଇନଙ୍ଗ୍ ଏରିଙ୍ଗ୍, ଡକ୍ଟର ମହେଶ ଚାଇ, ତାଇ ନିକିଓ, ହୋମ୍‌ଚୁନ୍ ନାମ୍‌ଦାମ୍ ପ୍ରମୁଖ ଅଛନ୍ତି ।

ଅନ୍ୟପକ୍ଷରେ ସିକ୍କିମ୍ ବିଧାନସଭା ନିର୍ବାଚନରେ ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚା ବହୁମତ ହାସଲ କରିଛି । ୩୨ଟି ଆସନ ମଧ୍ୟରୁ ୩୧ଟି ଆସନରେ ବିଜୟ ଲାଭ କରି ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚା ଅଭୂତପୂର୍ବ ସଫଳତା ହାସଲ କରିଛି । ସିକ୍କିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ମାତ୍ର ଗୋଟିଏ ଆସନ ଅକ୍ତିଆର କରିଛି । ମୁଖ୍ୟମନ୍ତ୍ରୀ ତଥା ମୋର୍ଚ୍ଚାର ସଭାପତି ପ୍ରେମ୍ ସିଂହ ତମାଙ୍ଗ ଉଭୟ ରେନୋକ୍ ଏବଂ ସୋରେଙ୍ଗ୍ ବିଧାନସଭା ଆସନରୁ ବିଜୟ ଲାଭ କରିଛନ୍ତି । ତେବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏସ୍.ଡି.ଏଫ୍.ର ସଭାପତି ପଓ୍ୱନ୍ କୁମାର ଚାମ୍ଲିଙ୍ଗ୍ ଉଭୟ ପୋକ୍ଲୋକ୍ କାମ୍ରାଙ୍ଗ୍ ଏବଂ ନାମ୍ଚେବୁଙ୍ଗ୍ ଆସନରୁ ପରାଜିତ ହୋଇଛନ୍ତି ।

ଏହି ଦୁଇ ଉତ୍ତର-ପୂର୍ବ ରାଜ୍ୟର ଚଳିତ ବିଧାନସଭାର ସମୟସୀମା ଆଜି ଶେଷ ହୋଇଛି । ଗତ ଏପ୍ରିଲ୍ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ମତଗ୍ରହଣ କରାଯାଇଥିଲା ।

## ପି.ଏମ୍. - ଅରୁଣାଚଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି.ଜେ.ପି. ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଥିବାରୁ ଅରୁଣାଚଳ ବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜ୍ୟର ଉନ୍ନତି ପାଇଁ ଦଳ

ପକ୍ଷରୁ ସମସ୍ତ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିବ । ଦଳୀୟ କର୍ମୀଙ୍କର ପ୍ରଚେଷ୍ଟାକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି ।

ସେହିଭଳି ସିକ୍କିମ୍‌ରେ ବହୁମତ ହାସଲ କରିଥିବାରୁ ଏସ୍.କେ.ଏମ୍. ଦଳ ଏବଂ ଏହାର ସଭାପତି ତଥା ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ରାଜ୍ୟ ସରକାରଙ୍କ ସହ ମିଶି ରାଜ୍ୟବାସୀଙ୍କ ପାଇଁ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ସେ ଆଶା ପ୍ରକଟ କରିଛନ୍ତି । ନିର୍ବାଚନରେ ବି.ଜେ.ପି. କର୍ମକର୍ତ୍ତାଙ୍କ ଉଦ୍ୟମକୁ ମଧ୍ୟ ପ୍ରଧାନମନ୍ତ୍ରୀ ଭୂୟସୀ ପ୍ରଶଂସା କରିଛନ୍ତି ।

## ପି.ଏମ୍. - ହିଟ୍‌ୱେଭ୍ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଗ୍ରୀଷ୍ମ ପରିସ୍ଥିତି ନେଇ ଆଜି ସମୀକ୍ଷା କରିଛନ୍ତି । ରାଜସ୍ଥାନ, ଗୁଜରାଟ୍ ଏବଂ ମଧ୍ୟପ୍ରଦେଶରେ ଗ୍ରୀଷ୍ମ ପ୍ରକୋପ ନେି ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଚଳିତ ବର୍ଷ ସ୍ୱାଭାବିକ ବର୍ଷା ଏବଂ ଦେଶର କେତେକ ଅଞ୍ଚଳରେ ସ୍ୱାଭାବିକ ଠାରୁ ସାମାନ୍ୟ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଅଗ୍ନିକାଣ୍ଡ ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସମୟୋପଯୋଗୀ ଅଭ୍ୟାସ

କାର୍ଯ୍ୟକ୍ରମକୁ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ନିୟମିତ ଭାବରେ ହସ୍ପିଟାଲ୍ ଏବଂ ସାଧାରଣ ସ୍ଥାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି । ବନାଗ୍ନିକୁ ପ୍ରତିହତ କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ବନାଗ୍ନି ସମ୍ପର୍କିତ ଖବର ତଥା ଅନ୍ୟାନ୍ୟ ତଥ୍ୟ ପାଇବା ଦିଗରେ 'ବନ ଅଗ୍ନି' ପୋର୍ଟାଲ୍‌ର ଉପାଦେୟତା ସମ୍ପର୍କରେ ବୈଠକରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଛି ।

## ପି.ଏମ୍. - ସାଇକ୍ଲୋନ୍ ମିଟ୍

ସେହିଭଳି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ଅନ୍ୟ ଏକ ବୈଠକରେ ବାତ୍ୟା 'ରେମାଲ୍'ର ସ୍ଥଳଭାଗ ସ୍ପର୍ଶ ପରବର୍ତ୍ତୀ ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଏହାର ପ୍ରଭାବରେ ପ୍ରଭାବିତ ରାଜ୍ୟଗୁଡ଼ିକର ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ମିଜୋରାମ୍, ଆସାମ୍, ମଣିପୁର, ମେଘାଳୟ ଓ ତ୍ରିପୁରାରେ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ ଜୀବନହାନି ଓ କ୍ଷୟକ୍ଷତି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ବାତ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକୁ କେନ୍ଦ୍ର ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଣ ଜାରି ରହିବ । ସ୍ଥିତି ଉପରେ ନଜର ରଖିବା ସହ ପୁନରୁଦ୍ଧାର ତଥା ଥଇଥାନପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ପ୍ରଧାନାମନ୍ତ୍ରୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ

ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଏବଂ କ୍ୟାବିନେଟ୍ ସଚିବଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଏକ୍‌ଜିଟ୍ ପୋଲ୍ - କଂଗ୍ରେସ

କଂଗ୍ରେସ, ଚଳିତ ଲୋକସଭା ନିର୍ବାଚନ ପରବର୍ତ୍ତୀ ବିଭିନ୍ନ ଘରୋଇ ଟିଭି ଚ୍ୟାନେଲମାନଙ୍କ ଦ୍ୱାରା କରାଯାଇଥିବା ଫଳାଫଳ ଆକଳନକୁ ଖଣ୍ଡନ କରିଛି । ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଏହି ପ୍ରାକ୍ ଆକଳନ ସମ୍ପୂର୍ଣ୍ଣ ମନଗଢ଼ା । ସେ କହିଛନ୍ତି ଇଣ୍ଡି ମେଣ୍ଟ ୨୯୫ଟି ଆସନ ହାସଲ କରିବ । ଏକ୍‌ଜିଟ୍ ପୋଲ୍ ବିଜେପି ଦ୍ୱାରା ସମର୍ଥିତ ଏବଂ ଏହା ଇଣ୍ଡି ମେଣ୍ଟ ନେତାମାନଙ୍କ ଉପରେ ମାନସିକ ଚାପ ସୃଷ୍ଟି କରିବା ଲାଗି କରାଯାଇଛି ବୋଲି ସେ କହିଛନ୍ତି ।

## ଜର୍ମାନୀ - ବନ୍ୟା

ପ୍ରବଳ ବର୍ଷା ଯୋଗୁଁ ଜର୍ମାନୀର ଦକ୍ଷିଣାଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷା ଯୋଗୁଁ ଡୋନାଓ, ନେକର ଏବଂ ଗୁଏଞ୍ଜ ସମେତ ଅନେକ ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ

ପ୍ରଭାବିତ ହୋଇଛି । ୬୦୦ରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ସେଠାକାର କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ବାଭାରିଆ ପ୍ରଦେଶର ୧୦ଟି ଜିଲ୍ଲାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି ।

## ଇ.ସି. - କଂଗ୍ରେସ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ୧୫୦ ଜଣ ଜିଲ୍ଲାପାଳ କିମ୍ବା ଉପଜିଲ୍ଲାପାଳଙ୍କୁ ଭୋଟ୍ ଗଣତି ପୂର୍ବରୁ ଫୋନ୍ କରିଥିବା ଅଭିଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ଦାଖଲ କରିବାକୁ ନିର୍ବାଚନ ଆୟୋଗ କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶଙ୍କୁ କହିଛନ୍ତି । ଏ ସଂକ୍ରାନ୍ତରେ ଶ୍ରୀ ରମେଶଙ୍କୁ ଲେଖିଥିବା ଚିଠିରେ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ସମସ୍ତ ଅଧିକାରୀ ଆୟୋଗଙ୍କ ଅଧୀନରେ ଡେପୁଟେସନ୍‌ରେ ରୁହନ୍ତି ଏବଂ କୌଣସି ନିର୍ଦ୍ଦେଶପାଇଁ ସିଧାସଳଖ ଆୟୋଗଙ୍କୁ ରିପୋର୍ଟ କରନ୍ତି । ଆୟୋଗ କହିଛନ୍ତି, ଶ୍ରୀ ରମେଶଙ୍କ ଏଭଳି ବୟାନ ସନ୍ଦେହ ସୃଷ୍ଟି କରିଛି । ଏଣୁ ଜନସ୍ୱାର୍ଥ ଦୃଷ୍ଟିରୁ ଏହାର ସମାଧାନ ହେବା ଜରୁରୀ । ଆଜି ସନ୍ଧ୍ୟା ସୁଦ୍ଧା ଅଭିଯୋଗ ନେଇ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଆୟୋଗ ଶ୍ରୀ ରମେଶଙ୍କୁ କହିଛନ୍ତି ।

## ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଡାଟା ସାଇନ୍ସ କ୍ଷେତ୍ରରେ ଇଞ୍ଜିନିୟରିଂ ପାଠ୍ୟକ୍ରମର ଅଧ୍ୟାପକଙ୍କୁ ପ୍ରଶିକ୍ଷଣ ଦେବା ଲକ୍ଷ୍ୟରେ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଏକ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ଆରମ୍ଭ କରିଛି । ଚଳିତ ବର୍ଷ ତାମିଲ୍‌ନାଡୁର ଘରୋଇ ଅନୁଷ୍ଠାନଦ୍ୱାରା ଏଭଳି ପାଠ୍ୟକ୍ରମ ପରିଚାଳିତ ହେଉଛି । ବଜାର ଚାହିଦାକୁ ଦୃଷ୍ଟିରେ ରଖି ଏହି ପାଠ୍ୟକ୍ରମ ଆରମ୍ଭ କରିବାକୁ ବୈଷୟିକ ଶିକ୍ଷା ପରିଷଦ ନିଷ୍ପତ୍ତି ନେଇଥିଲା । ଆଇ.ଆଇ.ଟି.ଦ୍ୱାରା ପ୍ରଦାନ କରାଯାଉଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମୟସୀମା ୬ ମାସ ରହିଛି ଏବଂ ଏହା ନିଃଶୁଳ୍କ ପ୍ରଦାନ କରାଯିବ ବୋଲି ପରିଷଦ ସୂଚନା ଦେଇଛି । ଆସନ୍ତା ୬ ତାରିଖ ସୁଦ୍ଧା ଏଥିପାଇଁ ଆବେଦନ କରିବାକୁ ପଡ଼ିବ ।

## କ୍ରିକେଟ୍

ଆଇ.ସି.ସି. ଟି.-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ସହ-ଆୟୋଜକ ୱେଷ୍ଟଇଣ୍ଡିଜ୍ ଆଜି ପପୁଆ ନିୟୁଗିନିକୁ ଭେଟିବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଗୁଏନାର ପ୍ରୋଭିନ୍ସ ଷ୍ଟାଡିୟମ୍‌ଠାରେ ଖେଳାଯିବ ।

ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ର ଏହି ନବମ ସଂସ୍କରଣକୁ ଆମେରିକା ଏବଂ ୱେଷ୍ଟ୍‌ଇଣ୍ଡିଜ୍ ମିଳିତ ଭାବେ ଆୟୋଜନ କରୁଛନ୍ତି । ଆମେରିକାରେ ଡଲାସ୍‌ଠାରେ ଆଜି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଆମେରିକା କାନାଡ଼ାକୁ ୭ ୱିକେଟ୍‌ରେ ପରାସ୍ତ କରିଛି । କାନାଡ଼ା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ୱିକେଟ୍ ବିନିମୟରେ ୧୯୪ ରନ୍ ସଂଗ୍ରହ କରିଥିଲା । ୧୯୫ ରନ୍‌ର ବିଜୟ ଲକ୍ଷ୍ୟକୁ ଆମେରିକା ୨ ଓଭର୍ ବାକିଥାଇ ୩ ୱିକେଟ୍‌ରେ ବିନିମୟରେ ହାସଲ କରିନେଇଥିଲା ।

## ଏଫ୍.ଆଇ.ଏଚ୍. ପ୍ରୋ ହକି

ଏଫ୍.ଆଇ.ଏଚ୍. ପ୍ରୋ ହକି ଲିଗ୍ ପ୍ରତିଯୋଗିତାରେ ଆଜି ଭାରତର ପୁରୁଷ ଏବଂ ମହିଳା ଦଳ ଜର୍ମାନୀ ପ୍ରତିପକ୍ଷଙ୍କ ବିରୋଧରେ ଖେଳିବେ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ପୁରୁଷ ଦଳ ବିଶ୍ୱ ଚାମ୍ପିୟନ୍ ଜର୍ମାନୀକୁ ୩-୦ ଗୋଲ୍‌ରେ ପରାସ୍ତ କରିଥିବାବେଳେ ମହିଳା ଦଳ ଜର୍ମାନୀ ପ୍ରତିପକ୍ଷଙ୍କଠାରୁ ୧-୩ ଗୋଲ୍‌ରେ ପରାସ୍ତ ହୋଇଛି । ପଏଣ୍ଟ ତାଲିକାରେ ୧୩ଟି ମ୍ୟାଚ୍‌ରୁ ୨୪ ପଏଣ୍ଟ୍ ପାଇ ଭାରତୀୟ ପୁରୁଷ ହକି ଦଳ ତୃତୀୟ ସ୍ଥାନରେ ରହିଥିବାବେଳେ ସମ ପରିମାଣର ମ୍ୟାଚ୍ ଖେଳି ମହିଳା ଦଳ ୮ ପଏଣ୍ଟ ସହ ତାଲିକାର ଅଷ୍ଟମ ସ୍ଥାନରେ ରହିଛି ।

## ବକ୍ସିଂ ଅଲିମ୍ପିକ୍ସ କ୍ୱାଲିଫିକେସନ୍

ପୁରୁଷ ୫୧ କିଲୋଗ୍ରାମ୍ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାରତର ଅମିତ୍ ପଙ୍ଗଲ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ଚାଲିଥିବା ବିଶ୍ୱ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ଚୀନ୍‌ର ପ୍ରତିଯୋଗୀଙ୍କୁ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ୫-୦ ପଏଣ୍ଟ୍‌ରେ ପରାସ୍ତ କରି ଅମିତ୍ ଏହି ସଫଳତା ହାସଲ କରିଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିବାରେ ଅମିତ୍ ହେଉଛନ୍ତି ପଞ୍ଚମ ମୁଷ୍ଟିଯୋଦ୍ଧା । ପୂର୍ବରୁ ନିଶାନ୍ତ ଦେବ, ନିଖତ୍ ଜରିନ୍, ପ୍ରୀତି ପାୱାର ଏବଂ ଲଭ୍‌ଲିନା ବୋର୍‌ଗୋହେଁ ଏଥିପାଇଁ ଯୋଗ୍ୟତା ହାସଲ କରିଛନ୍ତି ।

ସେହିଭଳି ମହିଳା ୫୭ କିଲୋଗ୍ରାମ୍ ବର୍ଗରେ ଜସ୍ମିନ୍ ଲାମ୍ବୋରିଆ ଏବଂ ଏହି ବର୍ଗର ପୁରୁଷ ବିଭାଗରେ ସଚିନ୍ ସିୱାଚ୍ ଅଲିମ୍ପିକ୍‌ସ ଯୋଗ୍ୟତା ପାଇଁ ଆଜି ପ୍ରତିଦ୍ୱନ୍ଦ୍ୱିତା କରିବେ ।

## ତାଇୱାନ୍ ଆଥ୍‌ଲେଟିକ୍‌ସ

ତାଇୱାନ୍ ଦୌଡ଼କୁଦ ଓପନ୍-୨୦୨୪ ପ୍ରତିଯୋଗିତାରେ ଆଜି ଭାରତର ନୟନା ଜେମ୍‌ସ୍ ମହିଳା ଲମ୍ବଡିଆଁ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ

କରିଛନ୍ତି । ୬ ଦଶମିକ ୪/୩ ମିଟର ଲମ୍ଫଡିଆଁ ମାରି ସେ ଏହି ସଫଳତା ହାସଲ କରିଛନ୍ତି । ଜାପାନ ରୌପ୍ୟ ଏବଂ ଦକ୍ଷିଣ କୋରିଆ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି ।

ପୁରୁଷ ୮୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଅଙ୍କେଶ ଚୌଧୁରୀ ସ୍ୱର୍ଣ୍ଣପଦକ ଏବଂ ସୋମନାଥ ଚୌହାନ ରୌପ୍ୟ ପଦକ ହାସଲ କରିଛନ୍ତି । ଫିଲିପାଇନ୍ସର ପ୍ରତିଯୋଗୀ ହୁସେନ୍ ଲୋରାନା ବ୍ରୋଞ୍ଜ୍ ପଦକ ପାଇଛନ୍ତି ।

ପୁରୁଷ ଜାଭେଲିନ୍ ଥ୍ରୋ ବର୍ଗରେ ଭାରତର ଡି.ପି. ମନୁ ଗତକାଲି ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ୧୦୦ ମିଟର ମହିଳା ବାଧାଦୌଡ଼ ପ୍ରତିଯୋଗିତାରେ ନିତ୍ୟା ରାମରାଜ ରୌପ୍ୟ ପଦକ ହାସଲ କରିଛନ୍ତି ।

*****